# ମନ୍ କୀ ବାତ୍

ଅଧ୍ୟାୟ 4



# MANN KI BAAT
## VOL.4

Script Writers
Sarda Mohan and Shashi Mukherjee

Illustrations and Cover Art
Dilip Kadam

Assistant Artist
Ravindra Mokate

Layout Artist
Tarangini Mukherjee

Edited and Produced by
Amar Chitra Katha

Published by
Amar Chitra Katha Pvt. Ltd

**ODIA**

ISBN – 978-81-19596-12-6

Amar Chitra Katha Pvt. Ltd, July 2023

© Ministry of Culture, Govt of India, July 2023
All rights reserved. This book is sold subject to the condition that the publication may not be reproduced, stored in a retrieval system (including but not limited to computers, disks, external drives, electronic or digital devices, e-readers, websites), or transmitted in any form or by any means (including but not limited to cyclostyling, photocopying, docutech or other reprographic reproductions, mechanical, recording, electronic, digital versions) without the prior written permission of the publisher, nor be otherwise circulated in any form of binding or cover other than that in which it is published and without a similar condition being imposed on the subsequent purchaser.

You can now get ACK stories as part of your classroom with ACK Learn, a unique learning platform that brings these stories to your school with a range of workshops. Find out more at www.acklearn.com or write to us at acklearn@ack-media.com.



ଅନ୍ୟମାନଙ୍କର ମଙ୍ଗଳ ପାଇଁ ଯେଉଁମାନେ କିଛି କରିବାକୁ ଚାହାନ୍ତି ସେଥିପାଇଁ କୌଣସି ନିର୍ଦ୍ଦିଷ୍ଟ ବୟସ କିମ୍ବା ସମୟ ବା ଆରମ୍ଭ କରିବା ସ୍ଥାନ ନଥାଏ। ଆମ ଭିତରର ପ୍ରୋତ୍ସାହନ ହିଁ ଖୋରାକ ଯୋଗାଇଥାଏ। ଏହା ଏକ କ୍ଷୀଣସ୍ୱର ହୋଇଥାଏ ଯାହାକି ଆମେ କ'ଣ କରିବା ଆବଶ୍ୟକ ଆମକୁ କହିଥାଏ। କିନ୍ତୁ ତାହାର ପ୍ରତିବାଦ କରି ମନ ଆମକୁ ଜୋର୍ ଦେଇ କହିପାରେ ଯେ ଆମ ପାଖରେ ସମୟ ନାହିଁ, ଆମ ପାଖରେ ସମ୍ବଳ ନାହିଁ କିମ୍ବା ଆମେ ଏସବୁ କରିବା ପାଇଁ ଆମର ବୟସ ହୋଇନାହିଁ ବା ଆମେ ବୁଢ଼ା ହୋଇଗଲେଣି।

ଏହି କମିକରେ, ଆପଣମାନେ କିଛି ବ୍ୟକ୍ତିଙ୍କ ବିଷୟରେ ପଢ଼ିବେ ଯେଉଁମାନେ କି ନିଜ ହୃଦୟର ସେହି କ୍ଷୀଣ ସ୍ୱରକୁ ଶୁଣିଥିଲେ ଏବଂ ମହାନ୍ କାର୍ଯ୍ୟ କରିଥିଲେ।

ଚମ୍ପା ଦେବୀ, ଗୋଟିଏ ବିଦ୍ୟାଳୟରେ ମଧ୍ୟାହ୍ନ ଭୋଜନ ପ୍ରସ୍ତୁତ କରିବା ପାଇଁ ପାଚିକା ଭାବରେ କାମ କରନ୍ତି, ଯେ କି ତାଙ୍କ ଗାଁ ଲୋକଙ୍କୁ କମ୍ପୋଷ୍ଟ କରିବା ସହିତ ପ୍ରଦୂଷଣ ହ୍ରାସ କରିବା ବିଷୟରେ ଶିଖାଇଛନ୍ତି।

ରାମବୀର ତନୱାର, ତାଙ୍କର ସ୍ୱଚ୍ଛଳ ଚାକିରି ଛାଡ଼ି ହ୍ରଦ ପରିଷ୍କାର କରିବା ଓ ପୁନରୁଦ୍ଧାର କରିବା କାର୍ଯ୍ୟରେ ନିଜକୁ ଉତ୍ସର୍ଗ କରି ଦେଇଛନ୍ତି।

ରାଧିକା ଶାସ୍ତ୍ରୀ, ଜଣେ କାଫେ ମାଲିକାଣୀ, ନିୟମିତ ଆମ୍ବୁଲାନ୍ସ ସେବା ସୁବିଧା ପାଇଁ ଅତି ଅଣଓସାରିଆ ରାସ୍ତାରେ ମନୁଷ୍ୟ ଓ ପଶୁମାନଙ୍କ ପାଇଁ ଅଟୋ ଆମ୍ବୁଲାନ୍ସ ଆରମ୍ଭ କରିଛନ୍ତି।

ଏବଂ ଆହୁରି ଅନେକ, ଯେଉଁମାନେ ସହଜ ପଥକୁ ଅବଲମ୍ବନ କରିନାହାନ୍ତି ବରଂ ନିଜେ ନିଜ ପାଇଁ ନିଜ ପସନ୍ଦର ରାସ୍ତା ବାଛିଛନ୍ତି ଯାହାଫଳରେ ସେମାନେ ସମାଜରେ ଅନ୍ୟମାନଙ୍କ ପାଇଁ ତଥା ପଶୁପକ୍ଷୀ ଓ ପରିବେଶର କଲ୍ୟାଣ ପାଇଁ କିଛି କରିପାରିଛନ୍ତି।

# ସୂଚୀପତ୍ର


| | | |
|---|---|---|
| 1 | ଚମ୍ପା ଦେବୀ | 3 |
| 2 | ରାମବୀର ତନୱାର | 6 |
| 3 | ଓମ୍ ପ୍ରକାଶ ସିଂହ | 9 |
| 4 | ରାଧିକା ଶାସ୍ତ୍ରୀ | 11 |
| 5 | ଚିନ୍ତଲା ଭେଙ୍କଟ ରେଡ୍ଡି | 13 |
| 6 | ସନ୍ଦୀପ କୁମାର ବଡ଼ସରା | 16 |
| 7 | ସୁରେଶ ଏବଂ ମୈଥିଳୀ | 18 |
| 8 | ଡିମ୍ପଲା ପାଣ୍ଡେ | 21 |
| 9 | ଶ୍ରୀମନ୍ ନାରାୟଣନ | 24 |
| 10 | ଡାକ୍ତର କୁରେଲା ବିଠଲାଚାର୍ଯ୍ୟ | 27 |
| 11 | ରାହୁଲ ମହାରଣା | 30 |

# ଚମ୍ପା ଦେବୀ




*ସରକାରୀ ବିଦ୍ୟାଳୟର ପାଚିକା ଯେ କି ସ୍କୁଲ ପିଲାଙ୍କ ପାଇଁ ଖାଦ୍ୟ ରାନ୍ଧିଥାନ୍ତି


ତୁମେ ସ୍ୱତନ୍ତ୍ର ଅଳିଆ ଡବାରେ ଥିବା ପରିବା ଚୋପା, ପତ୍ର ଓ ବଳକା ଖାଦ୍ୟ କାହିଁକି ଏକାଠି ରଖୁନ। ଏସବୁ କମ୍ପୋଷ୍ଟରେ ପରିଣତ ହେବ ଓ ବାରିପଟ ବଗିଚାରେ ମଧ୍ୟ ଖତ ଭାବରେ ବ୍ୟବହୃତ ହେବ।
ପ୍ରକୃତରେ? ଏହି ଧୂଆଁ ଯୋଗୁଁ ଭାରି ଅସୁବିଧା ହେଉଛି। ଆପଣ ଆମକୁ ଶିଖାଇବେ କି?
ନିଶ୍ଚୟ।
ସେଠାରେ ଅନ୍ୟ ମହିଳାମାନେ ମଧ୍ୟ ଥିଲେ ଯେଉଁମାନେ ଚମ୍ପା ଦେବୀଙ୍କଠାରୁ ଶିଖିବାକୁ ଚାହୁଁଥିଲେ। ଖୁବ୍ ଶୀଘ୍ର-
ଏହି ଗାତ ଖୋଳି ଆମେ ଗୋଟିଏ ପରସ୍ତ ରୋଷେଇ ଘର ଅଳିଆ ତା' ଉପରେ ଶୁଖିଲା ପତ୍ର ଓ ଘାସ ରଖିବା। ଗୋଟିଏ ପରସ୍ତ ଓଦା ଅଳିଆ ଉପରେ ଗୋଟିଏ ପରସ୍ତ ଶୁଖିଲା ଅଳିଆ ରଖିବା
ଚମ୍ପା ଦେବୀ ଗାଁ ଲୋକମାନଙ୍କୁ କିପରି କମ୍ପୋଷ୍ଟ କରିବେ ଓ ଅଳିଆ ପୋଡ଼ିବା ବନ୍ଦ କରିବେ ଶିଖାଇଲେ।
ଯଥାଶୀଘ୍ର ସେ ସେମାନଙ୍କ ପାଇଁ ନାଲି ଓ ସବୁଜ ରଙ୍ଗର ଅଳିଆ ଡବା ଆଣିଦେଲେ ଓ ଅଲଗା ଅଲଗା ଅଳିଆ ରଖିବା ପାଇଁ କହିଲେ।
ରୋଷେଇ ଘରର ଅଳିଆ ସବୁଜ ଡବାରେ ରଖିବେ ଏବଂ ଶୁଖିଲା ଅଳିଆ ନାଲି ଡବାରେ ରଖିବେ।
ପିଲାମାନେ ମଧ୍ୟ ଅଳିଆ ଅଲଗା ଅଲଗା ରଖିବା ବିଷୟରେ ଖୁବ୍ ଉତ୍ସାହିତ ଥିଲେ।


ଖୁବ କମ୍ ଦିନ ମଧରେ ମହିଳାମାନେ ରଙ୍ଗୀନ ଅଳିଆ ଡବା ଗାଁର ପ୍ରତି ଘରେ ଘରେ ବାଣ୍ଟିଥିଲେ। ଏବଂ ଏବେ ଅଧିକ ପ୍ରକାରର ଅଳିଆ ପାଇଁ ଅଧିକ ପ୍ରକାରର ରଙ୍ଗର ଡବା ରହିଥିଲା।
ନୀଳ ଡବାରେ କାଗଜ, କାଚ ଏବଂ ଧାତବ ବର୍ଜ୍ୟବସ୍ତୁ ପକାନ୍ତୁ। ଏହା ପୁନଃ ବ୍ୟବହାର ଏବଂ ରିସାଇକେଲ୍ କରାଯାଇପାରିବ।
ପ୍ଲାଷ୍ଟିକ୍ ଜିନିଷ ଯେପରିକି ବୋତଲ ଏବଂ ବ୍ୟାଗ୍ ରିସାଇକ୍ଲିଂ ପାଇଁ ହଳଦିଆ ଡବାରେ ରଖନ୍ତୁ।
କିଛି ସପ୍ତାହ ପରେ-
ଭଲ କଥା ଯେ ଆମେ ସମସ୍ତେ ଗଛ ଲଗାଇବା ପାଇଁ ଏକାଠି ହୋଇଛନ୍ତି।
ଅଧିକ ଗଛର ଅର୍ଥ ଅଧିକ ପରିଷ୍କାର ବାୟୁ ମଧ!
ଚମ୍ପା ଦେବୀଙ୍କ କାମର ଖବର ପାଖ ଗାଁକୁ ବ୍ୟାପିଗଲା।
ତୁମେ ତ ତୁମ ଗାଁର ଚେହେରା ବଦଳାଇ ଦେଇଛ ଚମ୍ପା ଦେବୀ! ଆମକୁ ମଧ ଶିଖାଇ ଦିଅ।
ମୋ ପାଇଁ ଖୁସିର କଥା! ଆମର ପିଲାମାନଙ୍କ ପାଇଁ ଓ ନିଜ ପାଇଁ ଆମ ଗାଁ ପରିଷ୍କାର ପରିଚ୍ଛନ୍ନ ଓ ସ୍ୱାସ୍ଥ୍ୟକର ରହିବା ଦରକାର।
ତିନି ବର୍ଷ ପୂର୍ବେ, ପ୍ରଧାନମନ୍ତ୍ରୀ ମୋଦି ତାଙ୍କ ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ ରେ ଚମ୍ପା ଦେବୀଙ୍କ ଉଦ୍ୟମର ଉଦାହରଣ ଦେଇ ପ୍ରଶଂସା କରିଥିଲେ, ଗାଁ ସାରା ଆନନ୍ଦର ଲହରୀ ଖେଳି ଯାଇଥିଲା।
ଚମ୍ପା ଦେବୀ ଶହ ଶହ ଗଛ ଲଗାଇଥିଲେ ଏବଂ ତାଙ୍କର କଠିନ ପରିଶ୍ରମ ଫଳରେ ସମ୍ପୂର୍ଣ୍ଣ ଗାଁ ସବୁଜିମାରେ ଭରି ଯାଇଥିଲା।
ଚମ୍ପା ଦେବୀଙ୍କର ଆଶା ପରିବେଶକୁ ଅଧିକ ସୁନ୍ଦର, ସବୁଜ ଓ ପରିଷ୍କାର କରିବା ପାଇଁ ଅଧିକରୁ ଅଧିକ ଲୋକ ତାଙ୍କ ସହିତ ସାମିଲ୍ ହେବେ

# ରାମବୀର ତନୱାର



ନାୟାର୍ ସାର୍, ତାଙ୍କ ପିଲାମାନଙ୍କୁ ପ୍ରବାସୀ ପକ୍ଷୀଙ୍କୁ ଦେଖାଇବା ପାଇଁ ପାଖରେ ଥିବା ହ୍ରଦକୁ ନେଇ ଯାଇଥିଲେ, କିନ୍ତୁ -
ଓଃ, ନା! ହ୍ରଦର ଅବସ୍ଥା ଦେଖ!
ଏଠି ତ ପାଣିର ଚିହ୍ନ ବର୍ଣ୍ଣ ନାହିଁ, ସାର୍।
ଆଉ ପଚା ଅଳିଆ ଗନ୍ଧରେ ଏହି ସ୍ଥାନ ଫାଟି ପଡୁଛି।
ଚାଲ ଚାଲ ପାର୍କକୁ ପଳାଇବା। ମୁଁ ଗୋଟିଏ ଗପ କହିବି ତାହା ତୁମକୁ ଉସାହିତ କରିପାରେ।
ଏହି କାହାଣୀ ଆଉ ଏକ ମଇଳା ହ୍ରଦ ବିଷୟରେ ନୁହେଁ ତ, ସାର୍?
ଏଠି ଯେମିତି ଗୋଟିଏ ହ୍ରଦ ଦେଖୁଛ ସେମିତି ୪୦ଟି ହ୍ରଦ ଆବର୍ଜନାରେ ଭରପୁର ହୋଇ ମୃତ ଅବସ୍ଥାରେ ରହିଥିଲା କିନ୍ତୁ ଏବେ ସେସବୁ ଯେମିତି ନୂଆ ଜୀବନ ପାଇଛନ୍ତି।
ରାମବୀର ତନୱାର ସ୍କୁଲ ଶେଷ ହେବା ପରେ ତର ତର ହୋଇ ଖାଇବା ଶେଷ କରିଥାନ୍ତି।
ରାମବୀର, ଧୀରେ ଖାଅ ତଣ୍ଟିରେ ଲାଖିବ!
ହଁ, ମାଆ।


ଟୋକା ଏମିତି ଦୌଡ଼ୁଛି ଯେମିତି ତା'ର ପ୍ୟାଣ୍ଟରେ ନିଆଁ ଲାଗିଯାଇଛି।
ତା'ର ଦୌଡ଼ିବାର କାରଣ ନିଆଁ ନୁହେଁ। ବରଂ ପାଣି।
ଏକଦମ୍ ଠିକ୍। ପ୍ରତିଦିନ ରାମବୀର ତାଙ୍କର ଘରପାଖରେ ଥିବା ହ୍ରଦକୁ ଗାଈ ଗୋଠ ନେଇ ଚରାଇବାକୁ ଯାଆନ୍ତି।
ଏହା ହେଉଛି ଦିନର ସବୁଠାରୁ ଭଲ ସମୟ। ଗାଈମାନେ ସବୁଠାରୁ ଭଲ ଘାସ ପାଆନ୍ତି ଆଉ ମୋତେ ସୁନ୍ଦର ଦୃଶ୍ୟ ଦେଖିବାକୁ ମିଳେ।
ରାମବୀର ପାଣି ଉପରେ ପବନ ଯୋଗୁଁ ଉଠୁଥିବା ଲହରୀକୁ ଘଣ୍ଟା ଘଣ୍ଟା ଧରି ଚାହିଁ ରହିଥାନ୍ତି।
ବର୍ଷ ପରେ ବର୍ଷ ବିତିଯାଏ ରାମବୀର୍ ମେକାନିକାଲ୍ ଇଞ୍ଜିନିୟରିଂ ପଢ଼ିବାକୁ ଗାଁ ଛାଡ଼ି ସହରକୁ ବାହାରିଯାଆନ୍ତି। କିନ୍ତୁ ପ୍ରତିଥର ସେ ଘରକୁ ଫେରିଲାବେଳେ -
ସେ ଦେଖନ୍ତି ଯେ ଘର ତିଆରି ପାଇଁ ଗୋଟିଏ ପରେ ଗୋଟିଏ ହ୍ରଦ ପୋତି ଦିଆଯାଉଛି। ଚାରିପଟେ କାଁ ଭାଁ କୋଉଠି କେମିତି ଗଛଟିଏ ଅଛି।
ହଁ, ପୁଅ। ସେମାନେ କହୁଛନ୍ତି ଯେ ଆମ ଗାଁର ବିକାଶ ହେଉଛି।
ସେ ବିଷୟରେ ତାଙ୍କର ବନ୍ଧୁ ଓ ସହପାଠୀମାନଙ୍କୁ କହିଲେ।
ଏହି ବିକାଶ ଯୋଗୁଁ ଧଡ଼ାରେ ପରିବର୍ତ୍ତନ ହେଲା। ଗ୍ରେଟର ନଏଡ଼ା କେବଳ ଏକ କୋଳାହଳପୂର୍ଣ୍ଣ ସହରାଞ୍ଚଳରେ ପରିଣତ ହେଉଛି।
ଆମକୁ ଏକାଠି ହେବାକୁ ହେବ ଏବଂ ଏ ବିଷୟରେ କିଛି କରିବାକୁ ହେବ।
ସେମାନଙ୍କ ପାଇଁ ସୌଭାଗ୍ୟର କଥା ଯେ ତାଙ୍କ ମହାବିଦ୍ୟାଳୟ ସେମାନଙ୍କୁ ପରିବେଶ ପାଇଁ କାର୍ଯ୍ୟ କରାଯାଉଥିବା କାର୍ଯ୍ୟକ୍ରମରେ ଯୋଗ ଦେବାକୁ ସୁଯୋଗ ଦେଲା।
ଏହା ଆମ ପାଇଁ ଏକ ସୁଯୋଗ। ଆମେ ଦଳ ଗଠନ କରିବା ଏବଂ ଲୋକମାନଙ୍କୁ ଆମ ଜଳାଶୟକୁ ସୁରକ୍ଷିତ ରଖିବାର ଆବଶ୍ୟକତା ବିଷୟରେ ଶିଖାଇବା
ମୋତେ ମଧ୍ୟ ତୁମ ସାଙ୍ଗରେ ଗଣିବ।
ମୋତେ, ମଧ୍ୟ!


ରାମବୀର 'ଜଲ୍ ଚୌପାଲ୍'* ନାମରେ ଏକ ଦଳ ଗଠନ କଲେ ଏବଂ ତାଙ୍କ ସାଙ୍ଗମାନଙ୍କୁ ସାଙ୍ଗରେ ନେଇ ଗାଁ ଲୋକଙ୍କ ସହିତ ଅନୌପଚାରିକ ଭାବରେ କଥାବାର୍ତ୍ତା କରିବାକୁ ଆରମ୍ଭ କଲେ।
ବାବୁଜୀ, ଆମକୁ ଆମର ହ୍ରଦକୁ ରକ୍ଷା କରିବାକୁ ହେବ ନଚେତ୍ ବିଲଡରମାନେ ସେସବୁ ଅଧିକାରକୁ ନେଇଯିବେ
ତୁମେ ଠିକ୍ କହୁଛ, ପୁଅ। କ'ଣ କରିବାକୁ ହେବ ଆମକୁ କହ।
ଯଦିଓ ରାମବୀର ଏକ ବଡ଼ କମ୍ପାନିରେ ଚାକିରି ପାଇଥିଲେ, ଦୁଇ ବର୍ଷ ଭିତରେ ସେ ଚାକିରି ଛାଡ଼ିଦେଲେ।
ମୋ ପାଇଁ ଗୋଟିଏ ବଡ଼ ଆହ୍ୱାନ ଅପେକ୍ଷା କରିଛି। ସମସ୍ୟା ହେଉଛି ସହରାଞ୍ଚଳର ନର୍ଦ୍ଦମା ଜଳକୁ ହ୍ରଦ ସହିତ ସଂଯୁକ୍ତ କରାଯାଇଛି। ସମସ୍ତ ଅଳିଆ ଆବର୍ଜନା ଓ ମଇଳା ପାଣି ହ୍ରଦକୁ ଛାଡ଼ି ଦିଆଯାଉଛି।
2018 ମସିହାରେ ରାମବୀର 'ସେ ଆର୍ଥ' ନାମକ ଏକ ସ୍ୱେଚ୍ଛାସେବୀ ସଙ୍ଗଠନ ପ୍ରତିଷ୍ଠା କଲେ ଯାହାକି ଜଳାଶୟର ପୁନରୁଦ୍ଧାର ଓ ସହରାଞ୍ଚଳରେ ଜଙ୍ଗଲ ସୃଷ୍ଟି ପାଇଁ କାର୍ଯ୍ୟ କରିଥାଏ।
ଏହି ଅଳିଆ ହ୍ରଦରେ ପରସ୍ତ ପରସ୍ତ ହୋଇ ବସିଯାଏ। ଏହି ପରସ୍ତଗୁଡ଼ିକୁ ଗୋଟି ଗୋଟି କରି ବାହାର କରିବାକୁ ହେବ, ଜଳର ପ୍ରାକୃତିକ ପ୍ରବାହ ଫେରାଇ ଆଣିବାକୁ ହେବ ଏବଂ ଏହା ଚାରିପଟେ ଗଛ ଲଗାଇବାକୁ ହେବ।
ଛଅ ବର୍ଷ ଭିତରେ, ରାମବୀରଙ୍କର ସ୍ୱେଚ୍ଛାସେବୀ ସଙ୍ଗଠନ ୪୦ଟି ହ୍ରଦର ପୁନରୁଦ୍ଧାର କରିଛି ଏବଂ ଛଅଟି ରାଜ୍ୟରେ 4ଟି ସହରାଞ୍ଚଳ ଜଙ୍ଗଲ ସୃଷ୍ଟି କରିଛି।
ମୁଁ ଯେତେବେଳେ ଦେଖେ ଯେ ଲୋକେ ହ୍ରଦ ଚାରିପଟେ ଚାଲୁଛନ୍ତି ଓ ଜଳ ପକ୍ଷୀମାନେ ଏଠାରେ ବିଚରଣ କରୁଛନ୍ତି ମୋତେ ଭାରି ଖୁସି ଲାଗେ।
ରାମବୀରଙ୍କୁ ଲୋକେ କହନ୍ତି 'ପଣ୍ଡମ୍ୟାନ୍ ଅଫ୍ ଇଣ୍ଡିଆ'। ପ୍ରଧାନମନ୍ତ୍ରୀ ତାଙ୍କର ଉଦ୍ୟମକୁ ପ୍ରଶଂସା କରିଛନ୍ତି ଏବଂ ଏଥିପାଇଁ ତାଙ୍କୁ ସାବାସୀ ଦେଇଛନ୍ତି।

*ଜଳ ପାଇଁ ଗୋଷ୍ଠୀ

# ଓମ୍ ପ୍ରକାଶ ସିଂହ




*ସରକାରୀ ସେବା ଗ୍ରାମାଞ୍ଚଳରେ ଏବଂ ଦୁର୍ଗମ ଅଞ୍ଚଳରେ ପହଞ୍ଚାଇବା ପାଇଁ ରହିଥିବା ଭୌତିକ ସୁବିଧା ବ୍ୟବସ୍ଥା




*ହିନ୍ଦୀରେ କାକା

^ଏକ ଗ୍ରାମାଞ୍ଚଳର ମାତୃ ଓ ଶିଶୁ ଯତ୍ନ କେନ୍ଦ୍ର

# ରାଧିକା ଶାସ୍ତ୍ରୀ


ସବୁ ପିଲା ସ୍କୁଲ ସମ୍ମୁଖରେ ଏକାଠି ହୋଇଥିଲେ, ଆମ୍ବୁଲାନ୍ସ ଦଶମ ଶ୍ରେଣୀର ପିଲାକୁ ଡାକ୍ତରଖାନାକୁ ନେଇ ଯାଉଥିବାର ଦେଖୁଥିଲେ।
ବିଚରା ରାଉଳ! ମନେ ହେଉଛି କ୍ରିକେଟ୍ ଖେଳିବା ସମୟରେ ତା' ଗୋଡ଼ ଜୋରରେ ମୋଡ଼ି ହୋଇଯାଇଛି।
ସେମାନେ କହୁଛନ୍ତି ହାଡ଼ ଭାଙ୍ଗିଯାଇଥାଇପାରେ। ଅବଶ୍ୟ, ଆମ୍ବୁଲାନ୍ସ ତାଙ୍କୁ ଖୁବ୍ ଶୀଘ୍ର ଡାକ୍ତରଖାନାରେ ପହଞ୍ଚାଇ ଦେବ।
ହଁ, ସେ ପାଞ୍ଚ ମିନିଟରେ ସେଠି ପହଞ୍ଚିଯିବେ। କିନ୍ତୁ ଯଦି ଆମ୍ବୁଲାନ୍ସ ଠିକ୍ ସମୟରେ ରୋଗୀଙ୍କ ପାଖରେ ପହଞ୍ଚେ ନାହିଁ ତେବେ କ'ଣ ହେବ? କୁନୁରର ରାଧିକା ଶାସ୍ତ୍ରୀ ଏହି ଘଟଣାର ଭୁକ୍ତଭୋଗୀ ଥିଲେ।
ରାଧିକା 30 ବର୍ଷ ଧରି ବାଙ୍ଗାଲୋରରେ କାମ କରୁଥିଲେ। ଏବେ ସେ କୁନୁରରେ ଏକ କାଫେ ଖୋଲିଛନ୍ତି।
ଲୋକେ ମୋତେ କହୁଥିଲେ ଯେ ନିରାମିଷାସୀ କାଫେ ଚାଲିବ ନାହିଁ। କିନ୍ତୁ ମୋର ବିଶ୍ୱାସ ଥିଲା ଏହା ନିଶ୍ଚୟ ଚାଲିବ।
କାଫେ ଡିଏମର ଏକ ନିଜସ୍ୱ ସୁନାମ ସୃଷ୍ଟି ହୋଇଛି, ରାଧିକାଙ୍କର ମନ ଏବେ ଅନ୍ୟ ସମସ୍ୟା ଆଡ଼କୁ ଗଲା।
ଅଣ ଓସାରିଆ ରାସ୍ତାରେ ଆମ୍ବୁଲାନ୍ସ ଯାଇପାରେ ନାହିଁ। ସେମାନଙ୍କୁ ରୋଗୀଙ୍କୁ ଭଲ ରାସ୍ତା ପର୍ଯ୍ୟନ୍ତ ଆଣିବାକୁ ପଡୁଥିଲା।




*ନୀଳଗିରିରେ ବାସ କରୁଥିବା ଏକ ଜନଜାତି

# ଚିନ୍ତଲା ଭେଙ୍କଟ ରେଡ୍ଡି




ଦିନେ ତାଙ୍କ ଜମିରେ ବୁଲୁଥିବା ସମୟରେ ରେଡ୍ଡିଙ୍କ ମନରେ ଗୋଟିଏ ଭାବନା ଆସିଲା।
ଯଦି ଗଛମାନେ ଖାଦ୍ୟ ପାଇଁ ଭାଶ୍ଲେଷଣ କରୁଛନ୍ତି ତେବେ ସେମାନେ ଭିଟାମିନ୍ ଡି ମଧ୍ୟ ଖରାରୁ କାହିଁକି ଉତ୍ପନ୍ନ କରିପାରିବେ ନାହିଁ।
ରେଡ୍ଡି ତାଙ୍କୁ ଜମିରେ ପରୀକ୍ଷା ନିରୀକ୍ଷା କରିବାକୁ ଆରମ୍ଭ କଲେ।
ଏପରି ଗଛ ରହିଥିଲା ଯାହାକି ଭିଟାମିନ ଏ ଏବଂ ସି ଉତ୍ପନ୍ନ କରିପାରେ, ଚାଲନ୍ତୁ ଦେଖିବା ସେହି ଗଛଗୁଡ଼ିକ ଭିଟାମିନ୍ ଡି ଉତ୍ପନ୍ନ କରିପାରୁଛନ୍ତି କି ନା।
ରେଡ୍ଡି ତାଙ୍କର ପରୀକ୍ଷା ପାଇଁ ଧାନ ଓ ଗହମର ତିନୋଟି ନମୁନା ତଳି ପଟି ସୃଷ୍ଟି କଲେ।
ଗୋଟିଏ ପଟିରେ ସେ ଅଣ୍ଡା, କ୍ଷୀର, ଘିଅ ଏବଂ ଛେନା ପରି ପଶୁଜାତ ଉତ୍ପାଦ ଯୋଗ କଲେ।
ମୁଁ ଆଶା କରୁଛି ଗଛଗୁଡ଼ିକ ଏଥିରୁ ପୋଷକ ତତ୍ତ୍ୱ ଅବଶୋଷଣ କରିବେ।
ଦ୍ୱିତୀୟରେ ସେ, ଭିଟାମିନ୍ ଡି ବଟିକାର ଦ୍ରବଣ ମିଶାଇଲେ।
ତୃତୀୟଟିରେ ସେ ଗାଜର, କନ୍ଦମୂଳ ଏବଂ ମକା ଗୁଣ୍ଡର ମିଶ୍ରଣ ପକାଇଲେ।




*ଇଣ୍ଟରନ୍ୟାସନାଲ୍ ୟୁନିଟସ୍

^ସିଭିଆର୍ (ଚିନ୍ତଲା ଭେଙ୍କଟ ରେଡ୍ଡି) ମୃତ୍ତିକା କୌଶଳ

**ଏକ କୌଶଳ ଯେଉଁଠାରେ ମୃତ୍ତିକାର ଉପର ସ୍ତରକୁ ବଦଳାଇ ଉର୍ବରକତାରେ ଉନ୍ନତି ଅଣାଯାଇଥାଏ

# ସନ୍ଦୀପ କୁମାର ବଡ଼ସରା




* ପୁରୁଣା ବହି ଏବଂ ଖବରକାଗଜ ସଂଗ୍ରହ କରୁଥିବା କବାଡ଼ିବାଲା




*ହିନ୍ଦୀରେ ଭାଉଜ

^ହିନ୍ଦୀରେ କାକା

# ସୁରେଶ ଏବଂ ମୈଥିଳୀ




*ଚିନି ସିରା ସହିତ ସୁବାସିତ ବରଫଗୁଣ୍ଡ




*ଉତ୍ପାଦ ପାଇଁ ବ୍ୟବହୃତ ପଦ

^କୃଷି କ୍ଷେତ୍ରରେ ବିକାଶ ପାଇଁ ଏକ ସରକାରୀ ଋଣ


ସୁରେଶ ଏବଂ ମୈଥିଳୀ ଭୂମି ଆଗ୍ରୋ ଭେଞ୍ଚର୍ସ ନାମକ ଏକ କ୍ଷୁଦ୍ର ଉଦ୍ୟୋଗ ଆରମ୍ଭ କଲେ।
ଯଥା ଶୀଘ୍ର କିଛି ଶ୍ରମିକ ସେମାନଙ୍କ ସହିତ ସାମିଲ୍ ହେଲେ। ସେମାନେ ଅତିରିକ୍ତ ଜିନିଷ ତିଆରି କରିବା ଆରମ୍ଭ କଲେ।
ଏହି ସ୍ୱତନ୍ତ୍ର ଉତ୍ପାଦର ଚାହିଦା ଖୁବ୍ ଶୀଘ୍ର ବହୁତ ବଢ଼ିଗଲା
ଏହି ପ୍ଲେଟଗୁଡ଼ିକ ମାଇକ୍ରୋୱେଭ୍ ଓଭାନରେ ମଧ୍ୟ ରଖାଯାଇପାରିବ।
ଚମତ୍କାର!
ମୁଁ ବିଶ୍ୱାସ କରିପାରୁନାହିଁ ଯେ ଏହି ଚପଲଗୁଡ଼ିକ ସମ୍ପୂର୍ଣ୍ଣ ଭାବରେ ଜୈବବିଘଟନଯୋଗ୍ୟ। ପ୍ଲାଷ୍ଟିକ୍ ଏବଂ ଚମଡ଼ାର ଏକ ଚମତ୍କାର ବିକଳ୍ପ!
ଏବେ ସୁରେଶ ଏବଂ ମୈଥିଳୀଙ୍କର ଉଦ୍ୟୋଗ ସଫଳତାର ଶୃଙ୍ଗ ଆରମ୍ଭ କରୁଛି, ତାଙ୍କର ଉତ୍ପାଦ ଆନ୍ତର୍ଜାତୀୟସ୍ତରରେ ମଧ୍ୟ ରପ୍ତାନୀ ହେଉଛି।
This is an artist's interpretation of the map and does not claim to be accurate.
ପ୍ରଧାନମନ୍ତ୍ରୀ ମୋଦି ତାଙ୍କର ରେଡିଓ କାର୍ଯ୍ୟକ୍ରମରେ ଏହି ଦମ୍ପତିଙ୍କୁ ପ୍ରଶଂସା କରିବା ସହ ନାଗରିକମାନଙ୍କୁ ସ୍ୱଦେଶୀ, ସ୍ଥାୟୀ ଉତ୍ପାଦ କିଣିବାକୁ ଉତ୍ସାହିତ କରିଛନ୍ତି।

# ଡିମ୍ପଲା ପାଣ୍ଡେ




*ଉତ୍ତର ପ୍ରଦେଶର ଏକ ସହର


ଏହା ପିଲାଟି କାହିଁକି ସବୁବେଳେ ଆପଣଙ୍କ ସାଙ୍ଗରେ ରହୁଛି? ସେ ଶ୍ରେଣୀରେ ରହିବା ଉଚିତ୍ ନୁହେଁ କି?
ସେ ଏବେ ବି ସ୍କୁଲ ପରିବେଶ ସହ ଅଭ୍ୟସ୍ତ ହେଉଛି। ସେ ନିଶ୍ଚୟ ଜଣେ ରୋଗୀ ହୋଇଥିବ।


ଦୀପମାଳା ଅନମୋଲ୍ ସହିତ ସାଇନ୍ ଲାଙ୍ଗୁଏଜ୍ ବା ସାଙ୍କେତିକ ଭାଷାରେ କଥାବର୍ତ୍ତା କରିବା ଆରମ୍ଭ କଲେ...
ଶୁଭ ସକାଳ।


... ଏବଂ ଅନମୋଲ୍ ମଧ୍ୟ ଜବାବ ଫେରାଇବା ଆରମ୍ଭ କଲା।
ଧୀରେ ଧୀରେ, ସେ ଶ୍ରେଣୀରେ ବସିଲା, ଅନ୍ୟ ପିଲାମାନଙ୍କ ସହ ପାଠ ପଢ଼ିଲା।


ଯେଉଁ ଦିନ ଅନମୋଲ୍ ସରକାରୀ ମେଧାବୃତ୍ତି ପାଇଲା, ତାହା ଏକ ଗୌରବର ମୁହୂର୍ତ୍ତ ଥିଲା।
ସାଧାରଣତଃ ଭିନ୍ନକ୍ଷମ ପିଲାମାନଙ୍କର ପିତାମାତାମାନେ ପିଲାଙ୍କ ତରଫରୁ ସ୍ୱାକ୍ଷର କରିଥାନ୍ତି କିନ୍ତୁ ଅନମୋଲ୍ ନିଜେ ଏଥିରେ ଦସ୍ତଖତ କରିଛି!
ମୋ ପୁଅ ଏବେ ଆତ୍ମନିର୍ଭରଶୀଳ ହୋଇପାରିଛି ଏବଂ ତା' ଭିତରେ ଦୃଢ଼ ଆତ୍ମପ୍ରତ୍ୟୟ ସୃଷ୍ଟି ହୋଇଛି।




*ଭିନ୍ନକ୍ଷମ ବ୍ୟକ୍ତିଙ୍କର ଅଧିକାର ଆଇନ

# ଶ୍ରୀମନ୍ ନାରାୟଣନ




*କେରଳର ଏକ ଜିଲ୍ଲା

^ମାଲୟାଳମରେ ବଡ଼ ଭାଇ


ପରଦିନ, ନାରାୟଣନ୍ ତାଙ୍କ ଘରେ କିଛି ପାତ୍ର ଦେଖିଲେ ଏବଂ ସେସବୁରେ ପାଣି ଭରିଦେଲେ।
ମୁଁ ଭାବୁଛି ଏହି ମାଟିପାତ୍ରଗୁଡ଼ିକରେ ଯେତିକି ପାଣି ଭରିବ ଶହେ ପକ୍ଷୀଙ୍କ ପାଇଁ ଯଥେଷ୍ଟ ହେବ।
ନାରାୟଣନ ଆଉ କିଛି ପାତ୍ର କିଣିଲେ ଏବଂ ପଡୋଶୀମାନଙ୍କୁ ସେସବୁ ବାଣ୍ଟିବା ଆରମ୍ଭ କଲେ।
ଦୟାକରି ଏହି ପାତ୍ରଗୁଡ଼ିକରେ ପାଣି ଭରି ଆପଣଙ୍କ ବାରିପଟେ ରଖିଦିଅନ୍ତୁ। ବହୁ ପକ୍ଷୀଙ୍କର ଶୋଷ ଦୂର ହୋଇପାରିବ।
ଆମେ ଆନନ୍ଦର ସହ ଏହା କରିବୁ।
ଖୁବ୍ ଶୀଘ୍ର ବହୁ ଲୋକ ନାରାୟଣନଙ୍କ କାର୍ଯ୍ୟ ବିଷୟରେ ଜାଣିବାକୁ ଆସିଲେ ଏବଂ ତାଙ୍କ ବାରିପଟେ ପାତ୍ରରେ ପାଣି ରଖିବା ପାଇଁ ପ୍ରସ୍ତାବ ଦେଲେ।
ମୁଁ କେତୋଟି ପାତ୍ର ନେଇପାରିବି?
ପକ୍ଷୀମାନଙ୍କୁ ପାଣି ଦେବା ପାଇଁ ଯେତେ ଇଚ୍ଛା ନେଇପାରିବେ। ସେମାନଙ୍କ ପାଇଁ ଅନ୍ତତଃ ଆମେ ଏତିକି ତ କରିପାରିବା।
ନାରାୟଣନ୍ ତାଙ୍କ ପ୍ରକଳ୍ପର ନାମ ଦେଲେ ଜୀବା ଜଲତିନୋ ଓରୁ ମନ୍ନୁ ପାତ୍ରମ
କିଛି ସପ୍ତାହ ପରେ-
ତୁମେ କ'ଣ କରୁଛ, ଚେଟା?
ମୁଁ ଗଛ ଲଗାଉଛି, ପାର୍ଥା। ଏଇ ଗଛରେ ଯେଉଁ ଫଳ ଫଳିବ ଆମ ପାଇଁ ଓ ପକ୍ଷୀମାନଙ୍କ ପାଇଁ ଉଭୟଙ୍କ ପାଇଁ ଉପାଦେୟ ହେବ।
ନାରାୟଣନ୍ ପୁଣି ଥରେ ତାଙ୍କ ପଡୋଶୀମାନଙ୍କ ଘରକୁ ବୁଲିଯିବା ଆରମ୍ଭ କଲେ।
ଦୟାକରି ଆପଣଙ୍କ ବାରିରେ ଆମକୁ ଗୋଟିଏ ଫଳ ଗଛ ଲଗାଇବାକୁ ଦିଅନ୍ତୁ। କିନ୍ତୁ ମୋତେ ପ୍ରତିଶ୍ରୁତି ଦିଅନ୍ତୁ ଯେ ଗୋଟିଏ ଗଛର ଫଳ ପକ୍ଷୀମାନଙ୍କ ପାଇଁ ଛାଡ଼ିବେ।
ନିଶ୍ଚୟ ଛାଡ଼ିବୁ, ନାରାୟଣନ୍ ସାର୍!
କିଛି ମାସ ଧରି, ନାରାୟଣନ୍ ତାଙ୍କ ଗାଁରେ 10,000 ରୁ ଅଧିକ ଗଛ ଲଗାଇବାର ତତ୍ତ୍ୱାବଧାନ କଲେ।


ସେ ମଧ୍ୟ ଶହ ଶହ ଚାରା ଗଛ କିଣିବା ଆରମ୍ଭ କଲେ ଏବଂ -
ସରୋଜିନୀ ଆମ୍ମା, କିଛି ଚାରା ଗଛ ନିଅ ଆଉ ତୁମ ଘର ଚାରିପଟେ ଲଗାଇ ଦିଅ।
ମୁଁ ମଧ୍ୟ କିଛି ଗଛ ନେଇପାରିବି କି? ମୁଁ ଗୋଟିଏ ସପେଟା ଗଛ ଦେଖୁଛି।
ଆମେ ଗୋଟିଏରୁ ଆଉ ଗୋଟିଏ ଗାଁକୁ ବୁଲି ବୁଲି ଚାରା ଗଛ ବାଣ୍ଟିଲେ।
ନାରାୟଣନ୍, ପ୍ରକୃତରେ ତୁମେ ହିଁ ପରିବେଶର ରକ୍ଷାକର୍ତ୍ତା। କିନ୍ତୁ ତୁମେ ଏ ଗଛ ପାଇଁ ଟଙ୍କା କୋଉଠୁ ପାଉଛ?
ମୋର ତିନି ସନ୍ତାନ ବେଶ୍ ସ୍ୱଚ୍ଛଳ ଓ ସୁଖରେ ରହୁଛନ୍ତି। ମୁଁ ମୋର ଆୟ ଏହି କାମରେ ଖର୍ଚ୍ଚ କରୁଛି।
ନାରାୟଣନ୍ 15 ଲକ୍ଷ ଟଙ୍କାରୁ ଅଧିକ ଖର୍ଚ୍ଚ କରି ତାଙ୍କର ଜିଲ୍ଲା ବ୍ୟାପୀ 50,000 ଚାରା ଗଛ ବାଣ୍ଟିଥିଲେ।
ପରବର୍ଷ ଗ୍ରୀଷ୍ମ ଋତୁରେ -
ମାଟି ପାତ୍ର ଅଭିଯାନ ପୁଣି ଆରମ୍ଭ କରୁଛନ୍ତି ନା କ'ଣ?
ହଁ, ମୁଁ ଏ ବର୍ଷ 10,000 ମାଟି ପାତ୍ର ପାଇଁ ବରାଦ ଦେଇଛି। ଆପଣ ମୋତେ ସେସବୁ ବାଣ୍ଟିବାରେ ସାହାଯ୍ୟ କରିବେ କି?
ଅବଶ୍ୟ! ଆମେ ସେସବୁ ବିଭିନ୍ନ ସାହିରେ ଏବଂ ସ୍କୁଲ ଓ କଲେଜରେ ମଧ୍ୟ ବାଣ୍ଟିବୁ।
ଯେତେବେଳେ ଏହି ପାତ୍ର ସରିଗଲା, ନାରାୟଣନ୍ ପୁଣି ଆହୁରି ଅଧିକ ପାତ୍ର ବରାଦ ଦେଲେ।
ପରବର୍ତ୍ତୀ 3 ବର୍ଷ ଧରି ନାରାୟଣନ୍ ସମ୍ପୂର୍ଣ୍ଣ ମାଗଣାରେ ପ୍ରାୟ 1 ଲକ୍ଷ ମାଟି ପାତ୍ର ବାଣ୍ଟିଲେ।
ମୁଁ ବର୍ତ୍ତମାନର ପରିବେଶର ଧ୍ୱଂସ ହେଉଥିବାକୁ ଦେଖି ସହି ପାରୁନାହିଁ, ଏହାକୁ ଅଣଦେଖା କରି ମୋ ଭବିଷ୍ୟତ ପାଇଁ ଟଙ୍କା ସଞ୍ଚୟ କରିବାକୁ ଚାହେଁ ନାହିଁ।
ମହାତ୍ମାଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ନାରାୟଣନ୍ ତାଙ୍କର ଉଦ୍ୟମ ପାଇଁ ଏସ୍.କେ ପୋଟେକ୍କାଟ୍ ପୁରସ୍କାର ଏବଂ ବୃକ୍ଷ ମିତ୍ର ପୁରସ୍କାର ଲାଭ କରିଛନ୍ତି।

# ଡାକ୍ତର କୁରେଲା ବିଠଲାଚାର୍ଯ୍ୟ




*ତେଲେଙ୍ଗାନାରେ

^ଜମିଦାର


... ରାତି ସାରା ଉଜାଗର ରହି ପଢୁଥିଲେ...
... ଏବଂ ସକାଳ ହେଲା ବେଳକୁ ବହି ଶେଷ କରି ଦେଉଥିଲେ।
ତୁମ ବହି।
ତୁମେ ସାରିଦେଲ!?
ସ୍କୁଲକୁ ପାଠ ଠିକ୍ ଠାକ୍ ପଢ଼ିବା ସହିତ।
ଖୁବ ଶୀଘ୍ର ସେ କଲେଜ ପାଠ ଶେଷ କଲେ ଏବଂ ତେଲ୍‌ଗୁ ପଢ଼ାଇବା ଆରମ୍ଭ କଲେ। ଶେଷରେ ସେ ପିଏଚଡି କରି ଏକ ସରକାରୀ ବିଦ୍ୟାଳୟର ଅଧ୍ୟକ୍ଷ ହେଲେ। ଏବେ ସେ ଅନେକ ବହି କିଣିବାକୁ ସକ୍ଷମ।
କୁରେଲା ତେଲୁଗୁ ଭାଷାରେ ମଧ୍ୟ 22ଟି ବହି ଲେଖିଛନ୍ତି।
1993 ମସିହାରେ, ସେ ଅବସର ପରେ ତାଙ୍କ ଗାଁକୁ ଫେରି ଯାଇଥିଲେ।
ଏବେ ମୁଁ ମୋ ମନପସନ୍ଦର ଲାଇବ୍ରେରୀ ତିଆରି କରିପାରିବି। ମୁଁ ଯେଉଁ ସୁବିଧା ପାଇନଥିଲି ମୋ ଗାଁ ପିଲାଙ୍କୁ ସେସବୁ ସୁବିଧା ଯୋଗାଇ ଦେବି।
କିଛି ବର୍ଷ ଲାଗିଗଲା, କିନ୍ତୁ 2014ରେ -
ଆପଣ କ'ଣ କରୁଛନ୍ତି, ସାର୍?
ମୁଁ ମୋର ସଞ୍ଚୟ ବ୍ୟବହାର କରି ମୋ ଘରେ ଗୋଟିଏ ବଡ଼ ହଲ୍ ତିଆରି କରୁଛି।


ଖୁବ୍ ଶୀଘ୍ର-
ମୋ ଘରର ଗୋଟିଏ ଅଂଶ ହେଉଛି ଏବେ ଗୋଟିଏ ଲାଇବ୍ରେରୀ ଯାହାକି ପଢ଼ିବାକୁ ଚାହୁଁଥିବା ଲୋକମାନଙ୍କ ପାଇଁ ସମ୍ପୂର୍ଣ୍ଣ ଭାବରେ ସମର୍ପିତ। ମୋ ପାଖରେ ଥିବା 5,000 ବହି ଏଠାରେ ସମସ୍ତଙ୍କ ପାଇଁ ମାଗଣାରେ ଉପଲବ୍ଧ ରହିଛି। ଯଦି ଅନ୍ୟ କେହି ତାଙ୍କର ବହି ଦାନ କରିବାକୁ ଚାହାନ୍ତି, ମୁଁ କୃତଜ୍ଞତା ଜଣାଇବି।
WELCOME
ଛାତ୍ରଛାତ୍ରୀ, କବି ଏବଂ ଲେଖକ ଜବାବ ଦେଇଥିଲେ। ଅଳ୍ପ କେଇ ଦିନ ଭିତରେ 5,000 ବହି ବଢ଼ି ବଢ଼ି 2,00,000ରେ ପହଞ୍ଚିଲା। ଏଥିରେ କେତେକ ବିରଳ ପୁସ୍ତକ ମଧ୍ୟ ରହିଛି।
ଆମ ପାଇଁ ଅଧିକ ସ୍ଥାନ ଦରକାର! ମୋତେ ଆହୁରି ବଡ଼ ଲାଇବ୍ରେରୀ କରିବାର ଅଛି।
କୁରେଲା ତାଙ୍କ ଘରର ପ୍ରଥମ ମହଲାକୁ ମଧ୍ୟ ଲାଇବ୍ରେରୀରେ ବଦଳାଇ ଦେଲେ। 'ଆଚାର୍ଯ୍ୟ କୁରେଲା ଗ୍ରନ୍ଥାଳୟମ୍' ଏବେ ଜ୍ଞାନର ଗନ୍ତାଘର ପାଲଟିଛି।
ମୋ ଲାଇବ୍ରେରୀରେ ଥିବା ସୂଚନା ବ୍ୟବହାର କରି ଆଠ ଜଣ ରିସର୍ଚ୍ଚ ସ୍କଲାର ତାଙ୍କର ପିଏଚଡି ଲାଭ କରିଛନ୍ତି।
ତେଲୁଗୁ ଭାଷା ପ୍ରତି ତାଙ୍କର ବିଶେଷ ଯୋଗଦାନ ପାଇଁ ଡକ୍ଟର କୁରେଲା ବିଠାଲାଚାର୍ଯ୍ୟଙ୍କୁ 2019 ମସିହାରେ ଦାଶରଥି ସମ୍ମାନରେ ସମ୍ମାନିତ କରାଯାଇଥିଲା ପ୍ରଧାନମନ୍ତ୍ରୀ ମୋଦି ମନ୍ କୀ ବାତ୍ କାର୍ଯ୍ୟକ୍ରମରେ ତାଙ୍କ ବିଷୟରେ ବର୍ଣ୍ଣନା କରିଥିଲେ।
ମୋ ପାଇଁ ସବୁଠାରୁ ଅଧିକ ଆନନ୍ଦର ବିଷୟ ହେଉଛି ଯେ ମୋ ଲାଇବ୍ରେରୀ ଦ୍ୱାରା ଅନୁପ୍ରାଣିତ ହୋଇ ଅନ୍ୟମାନେ ମଧ୍ୟ ଗାଁରେ ଲାଇବ୍ରେରୀ ଖୋଲିଲେଣି। ଏହାର ଅର୍ଥ ହେଉଛି ଏବେ ଗାଁର ଛୋଟ ଛୋଟ ପିଲାମାନେ ସମ୍ବଳ ଅଭାବରୁ ବହି ପଢ଼ିବାରୁ ବଞ୍ଚିତ ହେବେ ନାହିଁ।

# ରାହୁଲ ମହାରଣା




*ଓଡ଼ିଶାରେ


ଏହି ବୋତଲରେ କେତେ ପରସ୍ତ କାଦୁଅ ଲାଗିଛି! ଦୀର୍ଘ ଦିନରୁ ଅଳିଆ ଜମା ହେବଣି।
ଲୋକେ ନଈ କୂଳକୁ ବୁଲି ଗଲାବେଳେ ଫିଙ୍ଗି ଦେଇ ଯାଆନ୍ତି।
ସମୁଦ୍ର ଗର୍ଭରୁ ଜମିକୁ ସୁରକ୍ଷିତ ରଖିବା ପାଇଁ ଝାଉଁବଣର ମହତ୍ତ୍ୱପୂର୍ଣ୍ଣ ଭୂମିକା ରହିଛି! ସେସବୁର ଯତ୍ନ ନିଆଯିବା ଦରକାର
ଅଖା ବ୍ୟାଗ୍ ଏବଂ ଏକ ଲକ୍ଷ୍ୟ ସହିତ...
... ରାହୁଲ ଅସ୍ତରଙ୍ଗରେ ତାଙ୍କର ରବିବାର ବିତାଇବା ଆରମ୍ଭ କଲେ।


ତାଙ୍କର ଉଦ୍ୟମ ଲୋକଙ୍କ ଦୃଷ୍ଟି ଆକର୍ଷଣ କଲା। ଜାନୁୟାରୀ 8 ତାରିଖ, 2022ରେ ସେ ତାଙ୍କର ପ୍ରଥମ ପରିଷ୍କାର କରିବା ଉଦ୍ୟମ ଆରମ୍ଭ କଲେ, ଏଥିରେ ବହୁ ସଂଖ୍ୟାରେ ସ୍ୱେଚ୍ଛାସେବୀ ଭାଗ ନେଲେ।
ଆପଣମାନଙ୍କ ଉଦ୍ୟମ ପାଇଁ ଧନ୍ୟବାଦ! ଆମେ ଆଜି ଖୁବ୍ ଭଲ କାମ କରିଛନ୍ତି।
ହୁରରେ!
ରାହୁଲ, ଜଣେ ସିକ୍ୟୁରିଟି ଗାର୍ଡ ଭାବରେ କାମ କରନ୍ତି, ତାଙ୍କର ଲକ୍ଷ୍ୟ ପ୍ରତି ସେ ଏବେ ବି ପ୍ରତିଶ୍ରୁତିବଦ୍ଧ।
ପରିଷ୍କାର କରିବା କାମ ପାଇଁ ସମୟ ବା ଅର୍ଥ ପାଇବା କଷ୍ଟକର ନୁହେଁ କି?
ମୁଁ ମୋର ଅଧିକାଂଶ ପାରିଶ୍ରମିକ ଏଥିରେ ଖର୍ଚ୍ଚ କରେ। ସମାଜ ପାଇଁ କିଛି କରୁଥିବାରୁ ମୋତେ ଆନନ୍ଦ ଲାଗେ। ମୋ ବାପମାଆ ମଧ୍ୟ ଏଥିରେ ସମର୍ଥନ କରନ୍ତି।
ରାହୁଲ ବେଳାଭୂମି ପୁନରୁଦ୍ଧାର କ୍ଷେତ୍ରରେ ଜଣେ ପରାମର୍ଶଦାତା ଭାବରେ କାମ କରୁଛନ୍ତି।
ମୁଁ ଖୁସି ଯେ ଆମେ ଏହି ଝାଉଁବଣ ଲଗାଉଛୁ।
ଯେତେବେଳେ ଏହି ଗଛଗୁଡ଼ିକ ବଡ଼ ହୋଇଯିବ ଜୈବ ବିବିଧତାକୁ ପରିପୁଷ୍ଟ କରିବା ସହ ସମୁଦ୍ର କୂଳକୁ ମଧ୍ୟ ସୁରକ୍ଷା ଦେବ।
ଏପର୍ଯ୍ୟନ୍ତ ରାହୁଲ 2,250 କିଲୋଗ୍ରାମ୍ ବର୍ଜ୍ୟବସ୍ତୁ ପରିଷ୍କାର କରିସାରିଲେଣି।
ଯଦି ଲୋକେ ଅଳିଆ କରିବା ଜାରି ରଖିବେ ଏହି ସଂଖ୍ୟା ଆହୁରି ଅଧିକ ବଢ଼ିବ.. ଯଦି ପରିବେଶକୁ ସୁରକ୍ଷିତ ରଖିବା ପାଇଁ ସମସ୍ତେ ନିଜ ନିଜର ଉଦ୍ୟମ ଜାରି ରଖିବେ ତେବେ ଏହା ନିଶ୍ଚୟ ସୁଫଳ ଦେବ।



# ମନ୍ କୀ ବାତ୍

## ଅଧ୍ୟାୟ 4

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କର ରେଡିଓ କାର୍ଯ୍ୟକ୍ରମ ମନ୍ କୀ ବାତ୍ ରେ, ଆମ ଭିତରେ ରହିଥିବା ସାଧାରଣ ମଣିଷମାନଙ୍କର ଅସାଧାରଣ ଗୁଣକୁ ଚିହ୍ନିଥାଉ। ବିଶାଳ ହୃଦୟ ଓ ସମାଧାନ କରିବା ପାଇଁ ଅଦମ୍ୟ ଇଚ୍ଛା ସହିତ, ଏହି ମଣିଷମାନେ ସମାଜରେ ପାର୍ଥକ୍ୟ ସୃଷ୍ଟି କରିପାରିଛନ୍ତି।

ଏକ ବିଦ୍ୟାଳୟର ଅଧକ୍ଷା ଦୀପମାଳା ପାଣ୍ଡେଙ୍କୁ ଭେଟନ୍ତୁ ଯେ କି ସମସ୍ତଙ୍କ ପାଇଁ ଶିକ୍ଷାଦାନ ପଦ୍ଧତିର ପ୍ରଚଳନ ପାଇଁ ବେଶ୍ ଆଶାବାଦୀ। ତାଙ୍କର 'ୱାନ୍ ଟିଚର୍, ୱାନ୍ କଲ' କାର୍ଯ୍ୟକ୍ରମ ଧୀରେ ଧୀରେ ଲୋକପ୍ରିୟ ହେଉଛି କିନ୍ତୁ ନିଶ୍ଚିତ ଭାବରେ ଏହା ଅନ୍ୟ ପିଲାଙ୍କ ପରି ଭିନ୍ନକ୍ଷମ ପିଲାମାନଙ୍କୁ ସମାନ ମାନର ଶିକ୍ଷା ପାଇବାରେ ସାହାଯ୍ୟ କରିବ।

ସୂର୍ଯ୍ୟାଲୋକର ଆଶୀର୍ବାଦ ପାଇଥିବା ଏକ ଦେଶ ଭାରତ କିନ୍ତୁ ଆପଣ ଜାଣନ୍ତି କି ଅଧିକାଂଶ ଭାରତୀୟ ଭିଟାମିନ୍ ଡି ଅଭାବରେ ଆକ୍ରାନ୍ତ? ଏହା ଚିନ୍ତଲା ଭେଙ୍କଟ ରେଡ୍ଡିଙ୍କ ମନରେ ଗଭୀର ରେଖାପାତ କରିଥିଲା, ସେ ବୃତ୍ତିରେ କୃଷକ, ଯେ କି ଭିଟାମିନ୍ ଡି ସହିତ ଗଛ ବଢ଼ାଇବାର ଏକ ଅଭିନବ ଉପାୟ ପାଇଛନ୍ତି

କାଗଜପତ୍ର ପାଇଁ ଆବେଦନ କରିବା ହେଉ କିମ୍ବା ସ୍କୁଲ ପାଠପଢ଼ା ପାଇଁ ଅନୁସନ୍ଧାନ କରିବା ମାତ୍ର କେତୋଟି କ୍ଲିକ୍ ଦୂରରେ। ଅବଶ୍ୟ, ସମସ୍ତଙ୍କ ପାଇଁ ଇଣ୍ଟରନେଟ୍ ଆକ୍ସେସ ନଥାଏ। ଏ ବିଷୟରେ ପଢ଼ନ୍ତୁ ଓମ୍ ପ୍ରକାଶ ସିଂ, ତାଙ୍କ ଗାଁରେ ୱାର୍ଲଡ ୱାଇଡ୍ ୱେବର ପ୍ରଚଳନ ଆରମ୍ଭ କରିଥିଲେ।

ମନ୍ କୀ ବାତର ଚତୁର୍ଥ ଅଧ୍ୟାୟରେ ତୁମମାନଙ୍କୁ ଉତ୍ସାହିତ କରିବା ପାଇଁ, ନୂଆ ନୂଆ କଥା ଜଣାଇବା ପାଇଁ ଓ ତୁମ ଭିତରେ ଆଗ୍ରହ ସୃଷ୍ଟି କରିବା ପାଇଁ ଏଗାରଟି ନୂଆ କାହାଣୀ ରହିଛି।



₹99

www.amarchitrakatha.com
ISBN 978-81-19596-12-6